### ସୁପୋଷିତ ଲକ୍ଷ୍ୟ କର୍ମଶାଳା

# ମିଶନ ମୋଡ଼ରେ କାମ କରିବାକୁ ଆହ୍ୱାନ



କେନ୍ଦ୍ରାପଡ଼ା,୧।୩(ସମିସ): ଜିଲ୍ଲାରେ ମା' ଓ ଶିଶୁଙ୍କ ପୁଷ୍ଟି ସ୍ଥିତିର ଉନ୍ନତି ପାଇଁ ସୁପୋଷିତ ଓଡ଼ିଶା ମିଶନ ଅଧୀନରେ ଜିଲ୍ଲାସ୍ତରୀୟ ସୁପୋଷିତ ଲକ୍ଷ୍ୟ କର୍ମଶାଳା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ୨୦୨୯ ସୁଦ୍ଧା ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରକୁ ୧୦୦ ପ୍ରତିଶତ ସୁପୋଷିତ କରିବା ଲକ୍ଷ୍ୟଧାର୍ଯ୍ୟ ହୋଇଥିବାବେଳେ ୨୦୨୬ ଶେଷ ସୁଦ୍ଧା ଏହାକୁ ସାଧନ କରିବା ପାଇଁ ମିଶନ ମୋଡ଼ରେ କାମ କରିବାକୁ ଆହ୍ୱାନ ଦିଆଯାଇଛି।

ଉକ୍ତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳା ଓ ଶିଶୁ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ଡ. ମୃଣାଳିନୀ ଦାରସୱାଲ କହିଲେ, ତୃଣମୂଳ ସ୍ତରକୁ ଯାଇ ସଠିକ ତଥ୍ୟ ସଂଗ୍ରହ କରିବା ସହିତ ଯଥାଯଥ ପରିକଳ୍ପନା କରି କାର୍ଯ୍ୟ କଲେ ନିଶ୍ଚିତ ଭାବେ ସୁପୋଷଣ ଲକ୍ଷ୍ୟ ପୂରଣ ସମ୍ଭବ ହେବ। ସମସ୍ତେ ଗୋଟିଏ ଟିମ ଭାବେ କାମ କରି ମା' ଓ ଶିଶୁଙ୍କୁ ସଠିକ ସମୟରେ ଆବଶ୍ୟକ ସେବା ଓ ପୁଷ୍ଟି ଯୋଗାଇଦେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷତା କରି ଜିଲ୍ଲାପାଳ ରଘୁରାମ ଆର. ଆୟର ଜିଲ୍ଲାରେ ସୁପୋଷଣ କାର୍ଯ୍ୟକ୍ରମକୁ ଆହୁରି ସକ୍ରିୟ ଓ ଫଳପ୍ରଦ କରିବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ।

ଉପଜିଲ୍ଲାପାଳ ଅରୁଣ ନାୟକ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ସୁଷମା ମହାନ୍ତି ଓ ସିଡବ୍ଲୁସି ଅଧ୍ୟକ୍ଷା ସ୍ୱାଗତିକା ପାତ୍ର ଯୋଗ ଦେଇଥିଲେ। କର୍ମଶାଳାରେ ଜିଲ୍ଲାର ସମସ୍ତ ସିଡିପିଓ, ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ ଓ ୱାର୍କରମାନେ ଉପସ୍ଥିତ ରହି ସୁପୋଷଣ ସମ୍ପର୍କିତ ବିଭିନ୍ନ ପ୍ରଶିକ୍ଷଣ ଓ ପରାମର୍ଶ ଗ୍ରହଣ କରିଥିଲେ।

# ମୁରାଦପୁର ଗାଁ ରାସ୍ତା କାମରେ ଅନିୟମିତତା




ରାଜକନିକା,୧।୩(ସମିସ): ରାଜକନିକା ବ୍ଲକ ଦେଉଳତରା ପଞ୍ଚାୟତର ମୁରାଦପୁର ଗାଁ ରାସ୍ତା ଫଳକ ଅନୁସାରେ ନିର୍ମାଣ ନ ହୋଇ ଚୋରି ହୋଇଯାଇଥିବା ନେଇ ଚର୍ଚ୍ଚା ହେଉଛି। ଓଡ଼ିଶା ସରକାରଙ୍କ ବିକଶିତ ଗାଁ ବିକଶିତ ଓଡିଶା ଭଳି ଲୋକାଭିମୁଖୀ ଯୋଜନା ଅନ୍ତର୍ଗତ ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ମୁରାଦପୁର ଗାଁ ହନୁମାନ ମନ୍ଦିରଠାରୁ ଶିବ ମନ୍ଦିର ଯାଏ କଂକ୍ରିଟ ରାସ୍ତା ନିର୍ମାଣର ଫଳକ ଲାଗିଛି। ବିଭାଗୀୟଯନ୍ତ୍ରୀଙ୍କ ନାମରେ ଏହି ଫଳକରେ କାମ ହେଉଛି। ଏଥିରେ ବ୍ୟୟବରାଦ ରହିଛି ୩ ଲକ୍ଷ ୬୯ ହଜାର ୮୫୪ ଟଙ୍କା। ଏହି ରାସ୍ତାଟି ଗ୍ରାମର ଏକ ପ୍ରମୁଖ ରାସ୍ତା ହୋଇଥିବାରୁ ଏହାର ପୁନରୁଦ୍ଧାର ହେବାର ଆବଶ୍ୟକତା ଥିଲା। ରାସ୍ତାର ଅବସ୍ଥା ବି ଶୋଚନୀୟ ହେଲାଣି। ଏହି ରାସ୍ତା ନିମନ୍ତେ ଅର୍ଥ ବରାଦ ଥିବା ସତ୍ତ୍ୱେ ଅନ୍ୟତ୍ର ରାସ୍ତା ହୋଇଥିବାରୁ ଏହା ଚୋରି ହୋଇଥିବା ଆଲୋଚନା ହେଉଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଆସିଥିବା ଟଙ୍କା ଡାଇଭର୍ଟ ହୋଇ ବସ୍ ରହଣି ସ୍ଥଳକୁ ଢଳେଇ କରାଯାଇଛି। ଚର୍ଚ୍ଚା ହେଉଛି ବସ୍ ରହିବା ନିମନ୍ତେ ଏଭଳି କରାଯାଇଛି। ଯେଉଁ ସ୍ଥାନରେ କାମ ହୋଇଛି ସେ ସ୍ଥାନଟି ଭଲ ଥିବା ସତ୍ତ୍ୱେ ରାସ୍ତାକୁ ତାଡି ଭାଙ୍ଗିଦେଲେ। ଏ ନେଇ ଜିଲ୍ଲାପାଳ ତୁରନ୍ତ ହସ୍ତକ୍ଷେପ କରି ପଦକ୍ଷେପ ନେବାକୁ ଦାବି ହେଉଛି।

## ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ଆଲୋଚନାଚକ୍ର

ପାରାଦୀପ,୧।୩(ସମିସ): ପାରାଦୀପ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ 'ପରିବେଶର ସୁପରିଚାଳନା ବର୍ତ୍ତମାନ ପାଇଁ ଏକାନ୍ତ ଆବଶ୍ୟକ' ଶୀର୍ଷକ ଉପରେ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରାଦୀପର ପରିବେଶ ନିୟନ୍ତ୍ରଣ ବୋର୍ଡର ଇଞ୍ଜିନିୟର ଦିବ୍ୟଲୋଚନ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏଥିରେ ପାରାଦ୍ପ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ଶତପଥୀ ସ୍ୱାଗତ ଭାଷଣ ଦେଇଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧାପିକା ଡ. ସ୍ମିତା ବିଶ୍ୱାଳ ଉକ୍ତ ବିଷୟ ଉପରେ ସଂକ୍ଷିପ୍ତ ଟିପ୍ପଣୀ ରଖିଥିଲେ। ପ୍ରାଧାପକ ଡ. ହେମନ୍ତ କୁମାର ଶତପଥୀ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏଥିରେ ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ରସାୟନ ବିଜ୍ଞାନ ବିଭାଗର ଡେମୋନଷ୍ଟ୍ରେଟର ସୁଚିସ୍ମିତା ମଲ୍ଲ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର

ପାରାଦୀପ,୧।୩(ସମିସ): ପାରାଦୀପ ମହାବିଦ୍ୟାଳୟ ପକ୍ଷରୁ ବାଳିକା ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ମହାବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇ ଯାଇଛି। ଏଥିରେ ଯୁକ୍ତ ୩ ପ୍ରଥମ ବର୍ଷର (କଳା, ବାଣିଜ୍ୟ ଓ ବିଜ୍ଞାନ) ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜନ କରାଯାଇଥିଲା। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ବାଳିକା ମାନଙ୍କର ସୁରକ୍ଷା ସମ୍ପର୍କରେ ନିଜସ୍ୱ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ଭାବେ ଡେପୁଟି କଲେକ୍ଟର ସୟେଦା ନାଏଲା ଯୋଗ ଦେଇ ବାଳିକା ମାନେ କିଭଳି ସସକ୍ତ ହୋଇ ପାରିବେ ସେ ସମ୍ପର୍କରେ ବାଳିକା ମାନଙ୍କୁ ଉତ୍ସାହିତ କରିଥିଲେ। ସଂଘମିତ୍ରା ପ୍ରଧାନ, ଇତିହାସ ବିଭାଗର ଅଧ୍ୟାପିକା (ଏସଡିଟିପି) ର କାର୍ଯ୍ୟକାରୀ ମୁଖିଆ ଭାବରେ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ। ଓଡିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପିକା ସୁଶ୍ରୀ କାଦମ୍ବିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ମାନେ ଉପସ୍ଥିତ ରହି ବାଳିକା ମାନଙ୍କର ମନୋବଳ ବୃଦ୍ଧି କରିଥିଲେ ଏବଂ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ସ୍ୱଦେଶୀ ମେଳାରେ ପରିମଳ ଓ ସ୍ୱଚ୍ଛତା କର୍ମଶାଳା

ପାରାଦୀପ,୧।୩(ସମିସ): ପାରାଦୀପ ସାମୁଦ୍ର ବେଳାଭୂମିରେ ଆୟୋଜିତ ସ୍ୱଦେଶୀ ମେଳାର ଆଜି ଥିଲା ଚତୁର୍ଥ ଦିନ। ଏହି ଅବସରରେ ଜଳ, ପରିମଳ ଓ ସ୍ୱଚ୍ଛତା ସମ୍ପର୍କିତ ସିଆର୍‌ପି-ସିଏମ୍‌ମାନଙ୍କ ପାଇଁ ଏକଦିନିଆ କର୍ମଶାଳା ଆୟୋଜିତ ହୋଇଥିଲା। କର୍ମଶାଳାରେ ରାଜ୍ୟସ୍ତରର ସମସ୍ତ ଅଧିକାରୀମାନେ, ଓରମାସ୍‌ର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ। ଏହି ଅବସରରେ ଗ୍ରାମ୍ୟ ଅଞ୍ଚଳରେ ୱାସ କାର୍ଯ୍ୟକ୍ରମର ସଫଳ ରୂପାୟଣ, ସ୍ୱଚ୍ଛତା ବ୍ୟବସ୍ଥା ସୁଦୃଢ଼ୀକରଣ, ପାନୀୟ ଜଳ ବ୍ୟବସ୍ଥାପନ ଓ ହାଇଜିନ ସଚେତନତା ବୃଦ୍ଧି ପାଇଁ ଆର୍ଥିକ ସହାୟତା ପ୍ରଣାଳୀ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ସିଆର୍‌ପି-ସିଏମ୍‌ମାନଙ୍କୁ ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ୱାସ ଫାଇନାନ୍ସିଂ କାର୍ଯ୍ୟକଳାପ ରୂପାୟଣ, ସମୁଦାୟ ସଚେତନତା ଓ ଆର୍ଥିକ ସଂଯୋଜନ ପ୍ରକ୍ରିୟା ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ଅଧିକାରୀମାନେ ତାଙ୍କ ଉଦବୋଧନରେ କହିଥିଲେ ଯେ, ସ୍ୱଚ୍ଛ ଓ ସୁସ୍ଥ ଗ୍ରାମ ଗଠନରେ ମହିଳା ସ୍ୱୟଂସାହାୟକ ଗୋଷ୍ଠୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ୱାସ ଫାଇନାନ୍ସିଂ ଏହାକୁ ଆହୁରି ସୁଦୃଢ଼ କରିବ।

## ବଡ଼କୋଟରେ ହନୁମାନଜୀଉଙ୍କ ପ୍ରତିଷ୍ଠା ଉତ୍ସବ

ରାଜନଗର, ୧।୩(ସମିସ): କୋଇଲିପୁର ପଞ୍ଚାୟତ ଅନ୍ତର୍ଗତ ବଡ଼କୋଟ ଗ୍ରାମରେ ସ୍ଥାପିତ ସିଦ୍ଧ ମହାବୀର ହନୁମାନଜୀଉଙ୍କ ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ କର୍ମକାଣ୍ଡ ପଣ୍ଡିତ ପ୍ରଫୁଲ୍ଲ ଦେବତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାତଦିନ ବ୍ୟାପି ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯଜ୍ଞ ପ୍ରାରମ୍ଭରେ ଶହେ ଆଠ କଳସ ଯାତ୍ରା, ଅଗ୍ନିସ୍ଥାପନ, ଚଣ୍ଡୀ ଆହୁତି, ଗୀତା ଆହୁତି, ନାରାୟଣଙ୍କ ସହସ୍ର ନାମ ଆହୁତି, ସିଦ୍ଧ ମହାବୀର ହନୁମାନଜୀଉଙ୍କ ପୂଜା ଓ ଶୋଡ଼ଶ ଉପଚାର ବୈଦିକ ପରମ୍ପରା ଅନୁସାରେ କରାଯିବା ସହିତ ବିଶ୍ୱର କଲ୍ୟାଣ ପାଇଁ ମହାଯଜ୍ଞର ପୂର୍ଣ୍ଣାହୁତି କରାଯାଇଥିଲା। ଏହି ଉତ୍ସବରେ



ରାଜନଗର ବିଧାୟକ ଧ୍ରୁବ ସାହୁ, ବିଜେପି ନେତା ଲଳିତ ବେହେରା, ସରପଞ୍ଚ ଦିଲ୍ଲୀପ ରାଉତ, ସମିତି ସଭ୍ୟ ଅଭୟ ଖଣ୍ଡୁଆଳ, ସରପଞ୍ଚ ଅନୀଲ ଲେଙ୍କା, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ ପ୍ରମୁଖ ଯୋଗଦେଇ ହନୁମାନଦେବଙ୍କ ବିଭୁ କୃପା ଲାଭ କରିଥିଲେ। କାର୍ଯ୍ୟକ୍ରମକୁ ଜଗନ୍ନାଥ ରାଉତ, ଦୁଃଶାସନ ସ୍ୱାଇଁ, ଗୌରାଙ୍ଗ ରାଉତ, ଭାସ୍କର ଦାଶ, ହଳଧର ରାଉତ, ସୁଭାଷ ରାଉତ, ପ୍ରମୋଦ ସ୍ୱାଇଁ, ନିଗମ ରାଉତ, ଲଲାଟେନ୍ଦୁ ରାଉତ, ପ୍ରତାପ ରାଉତ, ସଞ୍ଜୟ ରାଉତ, ଦିଲ୍ଲୀପ ବାରିକ ପ୍ରମୁଖ ପରିଚାଳନା କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା

ପଟ୍ଟାମୁଣ୍ଡାଇ,୧।୩(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ବେଲତଳ ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ଭଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଧାନଶିକ୍ଷକ ବିଶ୍ୱରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ମୁଖ୍ୟଅତିଥି, କାଉନସିଲର ଗୋପୀବଲ୍ଲଭ ନାୟକ ମୁଖ୍ୟବକ୍ତା, କେନ୍ଦ୍ରାପଡ଼ା ବ୍ଲକ ପ୍ରାକ୍ତନ ଶିକ୍ଷାଧିକାରୀ ପାବନୀ ରାଉତ, ସିଆରସିସି ମଳୟ ଜେନା ଓ ସଂଘମିତ୍ରା ନାୟକ, ସମାଜସେବୀ ଗୋପୀନାଥ ତ୍ରିପାଠୀ, ଶିକ୍ଷକନେତା ପ୍ରେମାନନ୍ଦ ଜୀବନ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦାୟୀ ଶିକ୍ଷୟତ୍ରୀ ଆରତୀ ଭଳଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ଇଭା ଦାସ ସ୍ୱାଗତ ଭାଷଣ ଓ କୃପାସିନ୍ଧୁ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୌତମ ସାହୁ ଧନ୍ୟବାଦ ଦେଇଥିବାବେଳେ ରାଜଶ୍ରୀ ତ୍ରିପାଠୀ ଓ ସୁମିତ୍ରା ଓରାମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ରାଜନଗର,୧।୩(ସମିସ): ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ ଘନଶ୍ୟାମ ମିଶ୍ରଙ୍କ ପୌରୋହିତ୍ୟ ଓ ଅଧ୍ୟାପିକା ତନୁଶ୍ରୀ ମିଶ୍ରଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ତହସିଲଦାର ଶିଶିର ଜେନା, ମୁଖ୍ୟବକ୍ତା ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଶରତ ମହାପାତ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ଅକ୍ଷୟ ମିଶ୍ର, ପତ୍ରକାର



ଭାସ୍କର ରାଉତରାୟ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ସଂସ୍କୃତ ଶିକ୍ଷା ପ୍ରତି ଆଗ୍ରହ ପ୍ରକାଶ କରିଥିବାରୁ ଧନ୍ୟବାଦ ଜଣାଇଥିଲେ। ପ୍ରତ୍ୟେକ ଭାଷାର ମୂଳ ଭାଷା ହେଉଛି ସଂସ୍କୃତ ଭାଷା ବୋଲି ମତବ୍ୟକ୍ତ କରିଥିଲେ। ଏ ଅବସରରେ ବାର୍ଷିକ ସାଂସ୍କୃତିକ ଓ କ୍ରୀଡ଼ ଉତ୍ସବରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ନିହାର ପରିଡା ଅତିଥି ପରିଚୟ ପ୍ରଦାନ, ଅଧ୍ୟକ୍ଷ ଶ୍ରୀ ମିଶ୍ର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଦିବଙ୍ଗତ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଶିକ୍ଷକ ରତ୍ନାକର ଦାସ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଅଧ୍ୟକ୍ଷ ଡ ମିଶ୍ରଙ୍କ ପୌରୋହିତ୍ୟରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟର କୁଳପତି କିଶୋର ଚନ୍ଦ୍ର ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଭାରତୀୟ ଜ୍ଞାନ ପରମ୍ପରାର ସଂସ୍କୃତର ଭୂମିକା ବିଶ୍ୱସ୍ତରୀୟ ହେବାକୁ ଯାଇଛି ବୋଲି କହିଥିଲେ। ବିଶିଷ୍ଟ ଅତିଥି ଭାବେ ସଂସ୍କୃତ ବିଶ୍ୱବିଦ୍ୟାଳୟର ସାହିତ୍ୟ ବିଭାଗ ଅଧ୍ୟାପକ ବସନ୍ତ ମିଶ୍ର, ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ କିଶୋର ମିଶ୍ର, ପଣ୍ଡିତ ଶରତ ମିଶ୍ର, ଅକ୍ଷୟ ମିଶ୍ର, ଅତିରିକ୍ତ ତହସିଲଦାର ଆଶିଷ ଜେନା ପ୍ରମୁଖ ଯୋଗଦେଇ ଶ୍ରୀମଦ ଭାଗବତ ଗୀତା ଓ ବେଦ ଆମ୍ଭମାନଙ୍କର ମୂଲ୍ୟବାନ ନିଧି ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଜଗବନ୍ଧୁ ବେହେରା, ଅରୁଣ ରାଉତ, ଦଧିବାବନ ସାହୁ, ରବିନାରାୟଣ ଦାସ ପ୍ରମୁଖ ପରିଚାଳନା କରିଥିଲେ। ଅଧ୍ୟାପିକା ତନୁଶ୍ରୀ ମିଶ୍ର ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ● ବେଲାରପୁର ଗ୍ରାମରେ ନିମ୍ନମାନର ପିଚୁ କାମ

# ରାସ୍ତା ମଝିରେ ଜମି ରହୁଛି ପାଣି

ପଞ୍ଚୁପାଣ୍ଡବ,୧।୩(ସମିସ): ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଗାଁ ରାସ୍ତା ପିଚୁ କାମ ନିମ୍ନମାନର ହୋଇଥିବା ଅଭିଯୋଗ ହେଉଛି। ବେଲାରପୁର ଜାଗୁଳାଇ ଛକ ରାମମନ୍ଦିରଠାରୁ ସଞ୍ଜୟ ଦାସ ଓ ଅଙ୍ଗନବାଡି କେନ୍ଦ୍ରଠାରୁ ନରୋତ୍ତମ ଦାସଙ୍କ ଘର ପର୍ଯ୍ୟନ୍ତ ଚାରିଦିନ ତଳେ ପିଚୁ କାମ ହୋଇଥିଲା। ଏହି ପିଚୁ କାମ ବେଳେ କୌଣସି ଅଧିକାରୀ ନ ଥିବାରୁ ଠିକାଦାର ମନମୁଖୀ କାର୍ଯ୍ୟ



କରିଥିବା ଅଭିଯୋଗ ହୋଇଛି। କେତେକ ସ୍ଥାନରେ ପିଚୁ ଫେଡା ଫେଡ଼ା ହୋଇ ଉଠୁଥିବାବେଳେ କେତେକ ଜାଗାରେ ଖାଲ ହୋଇଥିବାରୁ ପାଣି ଜମି ରହିଥିବା ଦେଖିବାକୁ ମିଳୁଛି। ପତଳା ପିଚୁ କାମ କରିବା ସହ ମାଟି ଉପରେ ପିଚୁ ହୋଇଥିବା ଅଭିଯୋଗ ହୋଇଛି। ଏହି ଆର୍‌ଡି ରାସ୍ତାରେ ନିମ୍ନମାନର କାମ ହୋଇଥିବାବେଳେ ଏହାର ତଦନ୍ତ କରାଯାଇ ଠିକାଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ପରିତ୍ୟକ୍ତ ଅବସ୍ଥାରେ ମିଶନଶକ୍ତି ଗୃହ

ଡେରାବିଶ, ୧।୩(ସମିସ): ଦାନପୁର ପଞ୍ଚାୟତର ମିଶନଶକ୍ତି ଗୃହ ନିର୍ମାଣ ପରେ ବ୍ୟବହାର କରା ନ ଯିବାରୁ ଏହି ଗୃହଟି ଏବେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଏହାର କବାଟ, ଝରକା ଆଦି ନଷ୍ଟ ହେବାକୁ ବସିଲାଣି। ପ୍ରତି ପଞ୍ଚାୟତରେ ଥିବା ସ୍ୱୟଂସହାୟିକା ଗୋଷ୍ଠୀଙ୍କ ପାଇଁ ସରକାର ମିଶନଶକ୍ତି ନାମରେ ଏକ କାର୍ଯ୍ୟାଳୟ ନିର୍ମାଣ କରିଛନ୍ତି। ସେଠାରେ ପଞ୍ଚାୟତ ଅଧୀନ ସମସ୍ତ ଗୋଷ୍ଠୀର ସଦସ୍ୟ ସେମାଙ୍କ ଦାପ୍ତରିକ କାର୍ଯ୍ୟ କରିବା ସହ ବୈଠକ କରିପାରିବେ। ଏହି କ୍ରମରେ ଦାନପୁର ପଞ୍ଚାୟତ ହଦପଡ଼ିଆରେ ପଞ୍ଚାୟତର ମିଶନଶକ୍ତି ଗୃହ ୩ ବର୍ଷ ପୂର୍ବେ ନିର୍ମାଣ ହୋଇଥିଲା। ଅଦ୍ୟାବଧି ଏହା କାର୍ଯ୍ୟକ୍ଷମ ହୋଇନାହିଁ। ଏବେ ଏହି ଗୃହଟି ଭୂତକୋଠୀ ପାଲଟିଲାଣି। ଏ ସମ୍ପର୍କରେ



ସରପଞ୍ଚ ମାନସୀ ତ୍ରିପାଠୀଙ୍କୁ ପଚାରିବାରୁ ଏହି ଗୃହକୁ ଠିକାଦାର ପଞ୍ଚାୟତକୁ ହସ୍ତାନ୍ତର କରିନାହାଁନ୍ତି। ଫଳରେ ଏହି ଗୃହକୁ ବିଦ୍ୟୁତ୍ ସଂଯୋଗ ଓ ପାଣି ସଂଯୋଗ ହୋଇପାରିନାହିଁ। ଏ ନେଇ ବିଡିଓ ଓ ଜିଲ୍ଲାପାଳଙ୍କୁ ବହୁବାର ଅବଗତ କରାଯାଇଛି। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଗୃହଟି କାର୍ଯ୍ୟରେ ନ ଲାଗିବା ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ମହିଳା ଉତ୍ପାଦକ ଗ୍ରୁପ୍‌କୁ କୃଷି ଯନ୍ତ୍ରପାତି ପ୍ରଦାନ

ପାରାଦୀପ,୧।୩(ସମିସ): ଏଏମ୍/ ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ଏହାର ପ୍ରମୁଖ ସିଏସ୍‌ଆର୍ ପଦକ୍ଷେପ 'ବିକଳ୍ପ ଜୀବିକା ପାଇଁ ଦୀର୍ଘସ୍ଥାୟୀ କୃଷି' ମାଧ୍ୟମରେ କୁଜଙ୍ଗ ବ୍ଲକର ବରେଇ ଏବଂ ଚକ୍ରଧରପୁର ଗ୍ରାମର ମହିଳା ଉତ୍ପାଦକ ଗ୍ରୁପ୍‌କୁ ଦୁଇଟି କୃଷି ସମ୍ପର୍କିତ ଯନ୍ତ୍ରପାତି ବଣ୍ଟନ କରାଯାଇଛି। ୨୧ ଜଣ ମହିଳା ସଦସ୍ୟଙ୍କୁ ନେଇ ଗଠିତ ଚକ୍ରଧରପୁରର ଶ୍ରୀଧା ମହାବୀର ଉତ୍ପାଦକ ଗ୍ରୁପ୍‌କୁ



ଏକ କ୍ଷୁଦ୍ର ତେଲ ଉତ୍ପାଦକ ମେସିନ୍ ପ୍ରଦାନ କରାଯାଇଛି। ଏହି ମେସିନ୍ ଗ୍ରୁପ୍‌କୁ ସ୍ଥାନୀୟ ଅଞ୍ଚଳରେ ଉତ୍ପାଦିତ ତୈଳବୀଜ ପ୍ରକ୍ରିୟାକରଣ କରିବାରେ ସକ୍ଷମ କରିବ। ସେହିଭଳି ୩୦ ଜଣ ମହିଳା ସଦସ୍ୟଙ୍କୁ ନେଇ ଗଠିତ ବରେଇର ମା' ମଙ୍ଗଳା ଭେରାଇଟି ପ୍ରଡ୍ୟୁସର ଗ୍ରୁପ୍‌କୁ ଏକ ମିନି ରାଇସ୍ ମିଲ୍ ପ୍ରଦାନ କରାଯାଇଛି। ସ୍ଥାନୀୟ ଧାନ ପ୍ରକ୍ରିୟାକରଣ ସୁବିଧା ସହିତ, ଏହି ଗ୍ରୁପ୍ ବର୍ତ୍ତମାନ ଗ୍ରେଡିଂ, ମିଲିଂ ଏବଂ ପ୍ୟାକେଜିଂ ଓ ସ୍ଥାନୀୟ ବ୍ରାଣ୍ଡେଡ୍ ଉତ୍ପାଦକୁ ପ୍ରୋତ୍ସାହିତ କରିବ। ଏହି କାର୍ଯ୍ୟକ୍ରମରେ ଭୂତମୁଣ୍ଡାଇ ସରପଞ୍ଚ ରୋହିତ ଜେନା, ପାରାଦୀପଗଡ଼ ସରପଞ୍ଚ ପ୍ରତିନିଧି ତଥା ବରିଷ୍ଠ ଆଇନଜୀବୀ ସଞ୍ଜୟ ବେହେରା, ଓଡ଼ିଶା ଜୀବିକା ମିଶନ (ଓଏଲଏମ) ବ୍ଲକ ପ୍ରୋଗ୍ରାମ ସଂଯୋଜକ ତ୍ରୈଲୋକ୍ୟ ମଲ୍ଲ, କୁଜଙ୍ଗର କୃଷି ପ୍ରଯୁକ୍ତିବିଦ୍ୟା ପରିଚାଳନା ସଂସ୍ଥା (ଏଟିଏମ୍‌ଏ) ବ୍ଲକ ଟେକ୍ନୋଲୋଜି ମ୍ୟାନେଜର ତୁଳସୀ ମହାନ୍ତା ଏବଂ ବିଭିନ୍ନ ମହିଳା ଏସଏଚଜି ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ। ବର୍ତ୍ତମାନ ସୁଦ୍ଧା, ପାରାଦୀପ ଅଞ୍ଚଳର ୧,୦୦୦ରୁ ଅଧିକ କୃଷକ, ଜୈବିକ ଚାଷ, ଟ୍ରେଲିସ୍ ଚାଷ, ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନା, ଫାର୍ମ ପୋଖରୀ, କୃଷକ କ୍ଷେତ୍ର ବିଦ୍ୟାଳୟ ଏବଂ ପଶୁସମ୍ପଦ ପରିଚାଳନା ଭଳି ପଦକ୍ଷେପରୁ ଉପକୃତ ହୋଇଛନ୍ତି।

## ହରିଅଙ୍କ ହାଇସ୍କୁଲରେ ବିଜ୍ଞାନ ଦିବସ

ଡେରାବିଶ,୧।୩(ସମିସ): ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ହରିଅଙ୍କ ହାଇସ୍କୁଲରେ ଆଜି ଅଗସ୍ତ୍ୟ ଇଣ୍ଟରନ୍ୟାସନାଲ୍ ଫାଉଣ୍ଡେସନ ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ ଅବସରରେ ବିଜ୍ଞାନ ମେଳାକୁ ହରିଅଙ୍କ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଗିରିଜା ପଡ଼ିଆରୀ ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ଅଗସ୍ତ୍ୟା ଇଣ୍ଟରନ୍ୟାସନାଲର ଅଧିକାରୀ ପ୍ରଭାସ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ମେଳାରେ ମୁଖ୍ୟବକ୍ତା ବିଜ୍ଞାନ ଶିକ୍ଷୟିତ୍ରୀ ରୋଜାଲି ରାଜଲକ୍ଷ୍ମୀ ବେହେରା ମୁଖ୍ୟବକ୍ତା, ଫାଉଣ୍ଡେସନର ଅଧିକାରୀ ସୌମ୍ୟରଞ୍ଜନ ଶାନ୍ତି, ରାଜକିଶୋର ମଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ୨୦ରୁ ଅଧିକ ପ୍ରକଳ୍ପରେ ଛାତ୍ରଛାତ୍ରୀ ଶରୀରର ଆଭ୍ୟନ୍ତରୀଣ ଅଙ୍ଗ, ଋତୁ ପରିବର୍ତ୍ତନ, ଚନ୍ଦ୍ର ଗ୍ରହଣ ଓ ସୂର୍ଯ୍ୟପରାଗ, ମାଇକ୍ରୋସ୍କୋପ ଓ ସୌରଶକ୍ତି ଇତ୍ୟାଦି ସମ୍ପର୍କରେ ଅବଗତ ହୋଇଥିଲେ। ଦୀପ୍ତିମୟୀ ବେହେରା ଅତିଥି ପରିଚୟ, ବିଜ୍ଞାନ ଶିକ୍ଷୟିତ୍ରୀ ସସ୍ମିତା ମିଶ୍ର ସ୍ୱାଗତ ଭାଷଣ ଏବଂ ଶିକ୍ଷକ ଆଲୋକ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଉପାଲି ଅପରାଜିତା ରାଉତ, ପ୍ରଭାତୀ ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବୋରିକିନା ତିତିରା ପାଟରା ଜାତିର ସାଂଗଠନିକ ବୈଠକ



ବାଲିକୁଦା, ୧।୩(ସମିସ): ଜଗତସିଂହପୁର ଜିଲ୍ଲାର ହରହରପୁର ଚକଲାର ବୋରିକିନା ତିତିରା ଓ ଦରଡ଼ାପଟଣାର ପାଟବୈଶ୍ୟ ଓ ପାଟରା ଜାତିର ସାଂଗଠନିକ ବୈଠକ ଆଡ୍‌ଭୋକେଟ ଡ. ବୀରନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପାଟରା ଭାଇମାନଙ୍କର ସାମାଜିକ ଅର୍ଥନୈତିକ ଉନ୍ନତି ସହିତ ସମସ୍ତଙ୍କ ମଧ୍ୟରେ ଭାଇଚାରା ଓ ସୁଖଦୁଃଖରେ ଭାଗିଦାର ହୋଇ ସେମାନେ ଆଗକୁ ଯାଇପାରିବେ ବୋଲି ଡ.ପାତ୍ର କହିଥିଲେ। ସମ୍ପାଦକ ପ୍ରସନ ବେହେରା ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଶାସକ ସହଦେବ ବେହେରା, ସନ୍ତୋଷ ବେହେରା, ଭୁବନାନନ୍ଦ ବେହେରା, ପ୍ରଫୁଲ ବେହେରା, ଅରୁଣ ପାତ୍ର, ହରେକୃଷ୍ଣ ପାତ୍ର, ଉମାକାନ୍ତ ପରିଡ଼ା, ବୃନ୍ଦାବନ ବେହେରା ପ୍ରମୁଖ ପାଟରା ଜାତିର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଦିବଂଗତ ଶିବଶଙ୍କର ବେହେରାଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟି ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଜାତିର ଥାନାପତି ମାଲିକ ଜଟାଧାରୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ କରାଟେ ଚାମ୍ପିଅନସିପ୍‌ରେ ଲୋମାଙ୍କୁ ସ୍ୱର୍ଣ୍ଣ

କୁଜଙ୍ଗ,୧।୩(ସମିସ): କୁଜଙ୍ଗ ବ୍ଲକ ଭୂତମୁଣ୍ଡାଇର ଝିଅ ଲୋମା ସ୍ୱାଇଁଙ୍କୁ ଜାତୀୟ କରାଟେ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ପଦକ ମିଳିଛି। କରାଟେ ଇଣ୍ଡିଆ ଅର୍ଗାନାଇଜେସନ ପକ୍ଷରୁ ନୂଆଦିଲ୍ଲୀରେ ଚଳିତ ମାସ ୨୬ରୁ ମାର୍ଚ୍ଚ ୧ ପର୍ଯ୍ୟନ୍ତ ଆୟୋଜିତ ପଞ୍ଚମ ବାର୍ଷିକ ଜାତୀୟ ପ୍ରତିଯୋଗିତାରେ ୫୦ କେଜି ବର୍ଗରେ ବରିଷ୍ଠ ଓ ବ୍ୟକ୍ତିଗତ ପ୍ରତିଯୋଗିତାରେ ସେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପ୍ରକାଶ ଯେ ଲୋମା ଗତ ବିଶ୍ୱ ବଧିର ଅଲମ୍ପିକ ପ୍ରତିଯୋଗିତାରେ କରାଟେରେ ପଦକ ଜିତି ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିଥିଲେ। ଲୋମା କୁଜଙ୍ଗ ବ୍ଲକ ଭୂତମୁଣ୍ଡାଇ



ଗ୍ରାମର ପୂର୍ବତନ ସରପଞ୍ଚ ଇଂ.ସଞ୍ଜୟ କୁମାର ସ୍ୱାଇଁ ଓ ଜ୍ୟୋତିର୍ମୟୀ ସ୍ୱାଇଁଙ୍କ କନ୍ୟା ଅଟନ୍ତି। ଲୋମାଙ୍କ ଏହି ପଦକ ହାସଲକୁ ନେଇ ବିଜେପି ନେତ୍ରୀ ଦୀପ୍ତିରେଖା ନାୟକ, ନାଟ୍ୟକାର ରଘୁ ସାହୁ, ପୂର୍ବତନ ସରପଞ୍ଚ ଧିରେନ୍ଦ୍ର ନାଥ ସ୍ୱାଇଁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ସୁଦୃଢ଼ ଭିତ୍ତିଭୂମି ସତ୍ତ୍ୱେ କୁଜଙ୍ଗକୁ ମିଳୁନି ଏନ୍‌ଏସି ମାନ୍ୟତା

କୁଜଙ୍ଗ, ୧।୩ (ସମିସ): ପ୍ରଶାସନିକ, ସାଂସ୍କୃତିକ, ରାଜନୈତିକ, ଐତିହାସିକ, ବାଣିଜ୍ୟିକ ଓ ଭୌଗଳିକ ଦୃଷ୍ଟି କୋଣରୁ କୁଜଙ୍ଗର ଭିତ୍ତିଭୂମି ସୁଦୂର ପ୍ରସାରୀ ସୁଦୃଢ ଥିବାବଳେ କୁଜଙ୍ଗଙ୍କୁ ଏନ୍‌ଏସି ମାନ୍ୟତା ତଥା ସଂପୃକ୍ତ ଅଧିବାସୀଙ୍କୁ ସରକାରୀ ଘୋଷିତ ନଗର ସଭ୍ୟତାର ସୁବିଧା ସୁଯୋଗରୁ ବଞ୍ଚିତ କରାଯିବା ବିଡମ୍ବନା ନୁହେଁ ତ ଆଉ କଣ କୁହାଯିବ ବୋଲି ପ୍ରଶ୍ନ ଉଠାଇଛନ୍ତି କୁଜଙ୍ଗ ସଚେତନ ନାଗରିକ ମଞ୍ଚର ଉପଦେଷ୍ଟା କବି ପୀତାମ୍ବର ତରାଇ। ଗତ ସରକାର କୁଜଙ୍ଗବାସୀଙ୍କ ଦାବିକୁ ଗ୍ରହଣ କରି ଏନ୍‌ଏସି ଘୋଘଣା କରିଥିବା ବେଳେ ମୋହନ ସରକାର ପୂର୍ବ ଘୋଷଣାରୁ ବଞ୍ଚିତ କରିବା ଦୁର୍ଭାଗ୍ୟର ବିଷୟ ବୋଲି କ୍ଷୋଭ ପ୍ରକାଶ କରିଛନ୍ତି।

ପାନ ମୀନ ଧାନ ଉତ୍ପାଦନ କ୍ଷେତ୍ରରେ ସୁନାମ ଅର୍ଜନ କରି କୁଜଙ୍ଗ ଆଜି ବି ସମଗ୍ର ଦେଶରେ ଖ୍ୟାତ। ଏଠାରେ ନିମ୍ନ ଅଦାଲତ ଓ ଅତିରିକ୍ତ ଜିଲ୍ଲା ଅଦାଲତ, ବନ ବିଭାଗ, ତହସିଲ, ବ୍ଲକ, ଥାନା, ମଣ୍ଡଳ ଶିକ୍ଷା ବିଭାଗ, କାରାଗାର, ଜଳ ସଂପଦ, ପାନୀୟଜଳ, ଉପନିବନ୍ଧକ, ଗ୍ରାମ୍ୟ ଉନ୍ନୟନ, ମହିଳା ଓ ଶିଶୁ କଲ୍ୟାଣ, ମତ୍ସ୍ୟ କାର୍ଯ୍ୟାଳୟ ସମେତ ଡାକଘର, ଦୂରସଞ୍ଚାର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବିଭିନ୍ନ ଜାତୀୟ ବ୍ୟାଙ୍କ, ସ୍କୁଲ କଲେଜ, ଉନ୍ନତମାନର ଶୌଚାଳୟ, ହାଟ ବଜାର, ଡାକ ବଙ୍ଗଳା ଉପଲବ୍ଧ ଥିବା ବେଳେ ଗମନା ଗମନ, ଯୋଗାଯୋଗ ଓ ବ୍ୟାପକ ମାନବ ସମ୍ବଳ ରହିଛି। ଏତେସବୁ ସୁବିଧା ସୁଯୋଗ ଥିବାବେଳେ କୁଜଙ୍ଗକୁ ଏନଏସି ଘୋଷଣା କରାନଯିବା ପଛରେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ରହିଛି ବୋଲି ଶ୍ରୀ ତରାଇ ଅଭିଯୋଗ କରି କହିଛନ୍ତି। ଦୀର୍ଘ ଦିନର ଦାବିକୁ ଆଖି ଆଗରେ ରଖି ସମାଜସେବୀ ଡ.ରଘୁନାଥ ସାହୁଙ୍କ ଆବାହକତ୍ୱରେ ଦୁଇବର୍ଷ ହେଲା ଗଠିତ କୁଜଙ୍ଗ ସଚେତନ ନାଗରିକ ମଞ୍ଚ ଦୀର୍ଘଦିନ ଧରି ଜନ ଆନ୍ଦୋଳନ, ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କରି କୁଜଙ୍ଗକୁ ଏନ୍‌ଏସି ମାନ୍ୟତା ଉଦ୍ଦେଶ୍ୟରେ ସରକାରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲେ ହିଁ ଦୁଇଟି ପର୍ଯ୍ୟାୟରେ ବିଭିନ୍ନ ଅଞ୍ଚଳକୁ ଏନ୍‌ଏସି ଘୋଷଣା କରାଯାଇଛି। ଦୃଢ ଭିତ୍ତିଭୂମି ଥାଇ କୁଜଙ୍ଗ ବାଦ୍ ପଡିବା ଦୁର୍ଭାଗ୍ୟର ବିଷୟ ବୋଲି ନାଗରିକ ମଞ୍ଚ ପକ୍ଷରୁ କୁହାଯାଇଛି। ଆଗାମୀ ଦଶ ଦିନ ଭିତରେ କୁଜଙ୍ଗଙ୍କୁ ଏନ୍‌ଏସି ଘୋଷଣା କରାନଗଲେ କୁଜଙ୍ଗ ବନ୍ଦ ସମେତ ଅର୍ଥନୈତିକ ଅବରୋଧ କରାଯିବ ବୋଲି ମଞ୍ଚ ପକ୍ଷରୁ ଘୋଷଣା କରାଯାଇଛି।

